**Capacity building Training Programme for GKS office bearers & GP Sarpanch.**

Capacity building training programme for GKS & GP Sarpanch was organized in order to effective GKS, GSS activity implementation and develop better inter-sectoral convergence with line department. Again, 40% low performing GPs and 20 % best performing GPs based on the performance have been included as part of Capacity building training programme of GKS. All GKS of the 3600 GPs have been covered under the capacity building training programme of GKS to illustrate expediting of untied fund expenditure and streamline GKS/GSS activity implementation. Subsequently more GKS & GP have been involved in the process to become eligible for getting Sustha Gaon & Sustha Panchayat Puraskar.




**GP level Meeting for better Inter-sectoral convergence:**

In order to develop better inter-sectoral convergence of health related activities with PR system, health was included in the agenda of the GP level meeting. The meeting is being organized under the chairpersonship of GP Sarpanch and GP Swasthya Kantha is also being prepared out of GP fund with the personal effort of GP Sarpanch. GKS SSP is also being consolidated at the GP level meeting and the findings of the same are placed to Block Health Mission meeting in 13 GSS districts. Around 80% GP level meetings have been organized.




**Sector level Mini Convention- effective functioning of GKS & streamline GKS & GSS activity implementation:**

Sector level mini conventions have been organized in order to sensitize GKS office bearers, GP Sarpanch and other field functionaries of the line departments etc. on the effective GKS activity implementation, sharing of experiences on best practices. This forum has created an opportunity to illustrate and acknowledge for better inter-sectoral convergence with line department and major health issues have also been addressed. The achievement of the sector level mini conventions is 90%.



**Sustha Gaon & Sustha Panchayat Puraskar to best performing GKS & GP:**

Sustha Gaon & Sustha Panchayat Puraskar is being given to GKS & GP respectively seems to acknowledge the effort of GKS & GP to achieve certain indicators relating to health & other social determinants of health in their respective village & GP. Further it encourages and motivates other GKS & GP to put similar effort to achieve Sustha Gaon & Sustha Panchayat Puraskar. Total no. of 180 GKS & 70 GP have been awarded Sustha Gaon & Sustha panchayat Puraskar respectively.



## *Some more Major achievements:*

- 6587 people have been referred to the nearest health institution for their treatment by the initiation of GKS and most of them belong to the category of very old age people, orphans, destitutes etc.



- In order to ensure safe drinking water at the community level, GKS facilitated for repairing 56278 number of tube wells with the support of SEM and around 34596 surface area of tube wells were repaired and renovated.
- 19500 no. of waste disposal dustbins have been placed at Villages level in order to maintain proper cleanliness in the village. This activity is carried out by the combined effort of community members.



- GKS members have been involved and facilitated in village contact drives and mass cleanliness drive which have been organized in more than 42000 villages for prevention and management of Malaria, Dengue and Diarrhoea.



- 35000 GKS have observed important health days and organized mass rally to create awareness among the community towards better health care. The School children & other community members participated in the mass rally.
- GKS have made wall painting of the important telephone numbers in the prominent places of the village for wide publicity and public information.



- More than 28000 GKS conducted Jalachatra at the GKS level for providing safe drinking water to the common people during summer.
- Sensitization meeting major on health related issues was organized at GKS level to create awareness among the community for accessing better health care services.



- In order to develop better inter-sectoral convergence of health related activities with PR system, GP Sarpanch of the respective Panchayats have mobilized funds for painting of GP Swasthya Kantha in Panchayat office/any prominent places of the GP. Total number of 2500 GP Swasthya Kantha have already been prepared at GP level.

*************

## ତୁରୁମୁଙ୍ଗାରେ ଯକ୍ଷ୍ମାରୋଗ ଚିକିତ୍ସା ଶିବିର

# ୧୧୬ ରୋଗୀଙ୍କ କଫ ପରୀକ୍ଷା





ତୁରୁମୁଙ୍ଗା, ୨୭।୨ (ଆପ୍ର): ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ତୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗତ ଶୁକ୍ରବାର ଦିନ ଯକ୍ଷ୍ମାରୋଗ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡକ୍ଟର ପୁରୁଷୋତ୍ତମ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ୧୧୬ଜଣ ରୋଗୀଙ୍କର କଫ ପରୀକ୍ଷା କରାଯାଇ ୭୬ଜଣଙ୍କୁ ମାଗଣା ଔଷଧ ଯୋଗାଇ ଦିଆଯାଇଥିଲା।

ସୂଚନାଯୋଗ୍ୟ ଯେ, ତୁରୁମୁଙ୍ଗା ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଗାଁ କଲ୍ୟାଣ ସମିତି ଓ ତୁରୁମୁଙ୍ଗା ପଞ୍ଚାୟତ ପକ୍ଷରୁ ଏହି ଶିବିରର ଆୟୋଜନ କରାଯାଇଥିଲା। ଶିବିରରେ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ମଞ୍ଜୁପ୍ରିୟା ସାହୁ, ସ୍ଥାନୀୟ ସରପଞ୍ଚ ନିହାରୀକା ନାୟକ, ଏଡିଏମ୍ଓ(ପରିବାର କଲ୍ୟାଣ) ଡକ୍ଟର ସୁଧାଂଶୁ ଶେଖର ବଳ, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡକ୍ଟର ପୁରୁଷୋତ୍ତମ ମହାନ୍ତ, ଗାଁ କଲ୍ୟାଣ ସମିତି ଜିଲ୍ଲା ସଂଯୋଜକ ଅଭିଷେକ ଷଡଙ୍ଗୀ, ଭିଜିଡି କନସୁଲଟାଣ୍ଟ ବାମଦେବ ନନ୍ଦ, ଡକ୍ଟର ରତିକାନ୍ତ ମହଲା, ଏକାଉଣ୍ଟସ ମ୍ୟାନେଜର ପ୍ରକାଶ ଦାସ, ବିପିଏମ୍ ଦୀପକ କୁମାର ଦାସ, ସ୍ଥାନୀୟ ବୁଦ୍ଧିଜୀବୀ ନିର୍ମଳ ଚନ୍ଦ୍ର ସାହୁ, କୁଳମଣି ସାହୁ, ଗୌରାଙ୍ଗ ସେଠୀ, ପୂର୍ବତନ ସରପଞ୍ଚ ଗୋପିନାଥ ସାହୁ ପ୍ରମୁଖ ଯୋଗଦେଇ ଯକ୍ଷ୍ମାରୋଗ ହେବାର କାରଣ, ନିରାକରଣ, ରୋଗ ପାଇଁ ସତର୍କତା, ନିଶାପାଣିଠାରୁ ଦୂରେଇ ରହିବା, ରୋଗ ଚିହ୍ନଟ ପରେ ନିୟମିତ ଔଷଧ ସେବନ ଉପରେ ଶିବିରାର୍ଥୀମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଫାର୍ମାସିଷ୍ଟ ଅଜୟ କୁମାର ସାହୁ ଓ ମହିଳା ସ୍ୱାସ୍ଥ୍ୟକର୍ମୀ କୁନ୍ତଳା ମହାନ୍ତ ଶିବିର ପରିଚାଳନା କରିଥିଲେ। ତୁରୁମୁଙ୍ଗା, ରାଜନଗର ଓ କେନ୍ଦେଇପଶି ଡାକ୍ତରଖାନା ପକ୍ଷରୁ ମିଳିତ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା।

# ଗାଁକଲ୍ୟାଣ ସମିତି ସଭାଗୃହ ଉଦ୍‌ଘାଟିତ



ନିଆଳି, ୬।୯ (ଇମିସ): ନିଆଳି ବ୍ଲକ ଦେବୀ-କଦଳ ଦ୍ୱୀପାଞ୍ଚଳ ଅନ୍ତର୍ଗତ ରାଣିଓଳା ପଞ୍ଚାୟତରେ ଗାଁ କଲ୍ୟାଣ ସମିତି(ଜିକେଏସ୍)ର ସଭାଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସରପଞ୍ଚ ଆଡଭୋକେଟ୍ ସରୋଜ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ଲୋକନାଥ ପାତ୍ର, ସମ୍ମାନିତ ଅତିଥି ତଥା ଜିକେଏସ୍ କଟକ ଜିଲ୍ଲା ସହ ପ୍ରାବନ୍ଧିକା ଇତିଶ୍ରୀ ମିଶ୍ର ଓ କସର୍ଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଶୁଭକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ପଞ୍ଚାୟତକୁ ସୁସ୍ଥ ପଞ୍ଚାୟତ ଘୋଷଣା କରାଯାଇଥିବାରୁ ପଞ୍ଚାୟତବାସୀ ଏବଂ ସ୍ଥାନୀୟ ସରପଞ୍ଚଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅଙ୍ଗନବାଡ଼ି କର୍ମୀ ମନୋରମା ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ କବିତା ସ୍ୱାଇଁ ଅତିଥି ପରିଚୟ କରିଥିଲେ। ସମିତି ସଭ୍ୟ କୃଷ୍ଣଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ କାଳିନ୍ଦି ପ୍ରଧାନ, ସିଡିପି ସ୍ୱେଚ୍ଛାସେବୀ ବୃଷକେତୁ ସାମଲ, ମମତା ପଟ୍ଟନାୟକ, ବ୍ରହ୍ମାନନ୍ଦ ଭୋଇ, ସନାତନ ସ୍ୱାଇଁ ଓ ପଞ୍ଚାୟତ ସହାୟକ ବରଙ୍ଗଧର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ୭ଟି ଜିକେଏସ୍‌ର ଅଙ୍ଗନବାଡ଼ି ଓ ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ଜିକେଏସ୍ ସଭାପତିମାନେ ଯୋଗଦେଇଥିଲେ।

*********************************************

# ଗାଁ କଲ୍ୟାଣ ସମିତି ପକ୍ଷରୁ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ଶିବିର



ଘଟଗାଁ,୧୮।୨(ଭମିସ): ଘଟଗାଁ ବ୍ଲକ ଗଦାଧରପୁର ଗ୍ରାମରେ ଗାଁ କଲ୍ୟାଣ ସମିତି ପକ୍ଷରୁ ଗର୍ଭବତୀ ମହିଳାଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଗୁରୁବାର ଆୟୋଜିତ ହୋଇଯାଇଛି। ଘଟଗାଁ, ଢେଙ୍କିକୋଟ ଅଞ୍ଚଳରୁ ଗର୍ଭବତୀ ମହିଳାମାନଙ୍କୁ ଗାଡି ଯୋଗେ ଅଣାଯାଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଗୁରୁବାର ପୂର୍ବାହ୍ନରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରବିନ୍ଦ୍ର ପ୍ରସାଦ ସାହୁ, ବ୍ଲକ ଅଧ୍ୟକ୍ଷା ଦ୍ରୌପଦୀ ଦଣ୍ଡପାଟ, ଘଟଗାଁ ଡାକ୍ତରଖାନା ଚିକିତ୍ସାଧିକାରୀ ଡାକ୍ତର ମୁକ୍ତିକାନ୍ତ ନାୟକ, ବ୍ଲକ ଉପାଧ୍ୟକ୍ଷ କମ୍ବୁକାନ୍ତ ଦାସ, ସରପଞ୍ଚ କାମିନୀ ନାଏକ, ଆନନ୍ଦପୁର ଏସ୍‌ଡିଏମଓ ଡାକ୍ତର କୁଳମଣି ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଡାକ୍ତର ମମତା ଜେନା, ଡାକ୍ତର ଗୋପୀନାଥ ସାମଲ, ଡାକ୍ତର ଉତ୍ତମ ନାଏକ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ଯଯାତି କିଶୋର ମହାନ୍ତ, ସଂଜୟ କୁମାର ଦାସ, ମ୍ୟାଲେରିଆ ଟେକ୍ନିସିଆନ୍ ମଦନ ମୋହନ ରାଉତ, ଅଶୋକ ରାଉତ, ଜ୍ୟୋତିପ୍ରକାଶ ଚକ୍ର, ରାଧେଶ୍ୟାମ କୁଅଁର, ପିଏଚ୍‌ଇଓ ଜଗନ୍ନାଥ ବେହେରା, ବିପିନ ଷଡ଼ଙ୍ଗୀ, ଏସ୍‌ଏ ଜୟକିଶୋର ପାତ୍ର, ଅରୁପାନନ୍ଦ ସେଠୀ, ହେମନ୍ତ କୁମାର ବାରିକ, ସ୍ୱାସ୍ଥ୍ୟକର୍ମୀ ବିଷ୍ଣୁନାରାୟଣ ଦାସ, ପୁରୁଷୋତ୍ତମ ପଲେଇ, ବିଦ୍ୟୁଭୂଷଣ ସାହୁ, ତୁଷାର ରଂଜନ ପାତ୍ର, ରଣଜିତ ନାଏକ, ପ୍ରମିଳା ମହାରଣାଙ୍କ ସମେତ ସମସ୍ତ ଆଶାକର୍ମୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

*********************************************

# ମାଆ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଆନନ୍ଦପୁର, ୧ ୯/୩(ନିପ୍ର): ଆଦିବାସୀ ଅଧ୍ୟୁଷୀତ ଅଞ୍ଚଳ ରାଇଘାଟି ଠାରେ ମା ଓ ଶିଶୁଙ୍କ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ସାଇଁକୂଳ ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଂଯୋଜନାରେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଘସିପୁରା ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର ଏହାକୁ ଉଦଘାଟିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଡିଓ ସୁରଞ୍ଜନ ସାହୁ, ସରପଞ୍ଚ ଅକ୍ଷୟ କୁମାର ଜେନା, ସିଡିପିଓ ସତ୍ୟଭାମା ସେଠୀ ଯୋଗଦେଇଥିଲେ । ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରାପ୍ରାପ୍ତ ଅଧିକାରୀ ଡାକ୍ତର ବିଭୁଦତ୍ତ ମହାନ୍ତି, ଡାକ୍ତର ବିଚିସ୍ମିତା ଜେନା, ଡାକ୍ତର କେ.ଡି.ଡି ବିବେକ , ଏଲଟି ଆଶୁତୋଷ ଚକ୍ରବର୍ତ୍ତୀ , ଏମଟି.ଏମ୍ ରାଜେଶ ଜେନା, ପ୍ରଭୃତି ଯୋଗଦେଇ ୧୪୫ ଜଣ ମାଆ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । କାର୍ଯ୍ୟକ୍ରମରେ ପିଏଚଇଓ ହଳଧର ପଣ୍ଡା, ବିପିଏମ ଚନ୍ଦନ କୁମାର ସାହୁ, ସୁପରଭାଇଜର୍ କୃଷ୍ଣ ଚନ୍ଦ୍ର ବେହେରା, ରାଜୀବ ରଞ୍ଜନ ବଳ, ଅଞ୍ଜଳୀ ସାହୁ, ସ୍ମିରିଶ୍ରୀ ସଡଙ୍ଗୀ, ନିରୁପମା ଧିର, ଶଶିକଳା ସାହୁ, ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ଅସନବାହାଳି, ବସନ୍ତପୁରା, ତୋରାଣିଆପାଳ ପ୍ରଭୃତି ଗାଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା ।
କଲ୍ୟାଣ ସମିତିର ସହ ଯୋଗରେ